# ତହସିଲ କାର୍ଯ୍ୟାଳୟ, ବ୍ୟାସନଗର, ଯାଜପୁର ରୋଡ

ବିଜ୍ଞପ୍ତି ସଂଖ୍ୟା. ୩୪୨୨ /ତାରିଖ. ୦୭.୦୬.୨୦୨୧

## ଲଘୁ ଖଣିଜ ଦ୍ରବ୍ୟ ଉତ୍ସର ଦୀର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବ୍ୟାସନଗର ତହସିଲ ଅନ୍ତର୍ଗତ ନିମ୍ନ ସୂଚୀ ପ୍ରଦତ୍ତ (ଲଘୁ ଖଣିଜ ଦ୍ରବ୍ୟ) ବାଲି ସୈରାତ ଉତ୍ସଗୁଡିକୁ ଅନ୍ୟୁନ୍ ୦୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ, ୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ, ୨୦୧୭ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ, ୨୦୧୮ ବର୍ଣ୍ଣିତ ତିନି କିତା "ଫର୍ମ-M" ପୂରଣ କରି ତତ ସହିତ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ/କାଗଜାତ ସଂଲଗ୍ନ କରି ଜଉମୁଦ ଲଫାପାରେ Registered Post / Speed Post ଜରିଆରେ ତହସିଲଦାର, ବ୍ୟାସନଗର, ସା/ପୋଷ୍ଟ- ଯାଜପୁର ରୋଡ, ଜିଲ୍ଲା- ଯାଜପୁର, ପିନ- ୭୫୫୦୧୯ ଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ Sealed Tender Drop Box ରେ ବିଜ୍ଞପ୍ତି ପ୍ରକାଶନ ତାରିଖ ପରଦିନ ଠାରୁ ଆସନ୍ତା ତା.୦୮.୦୭.୨୦୨୧ରିଖ ଅପରାହ୍ନ ୦୫:୦୦ ଘଟିକା ସୁଦ୍ଧା ପକାଇ ପାରିବେ (ଛୁଟିଦିନ ବ୍ୟତୀତ) । ଲଫାପା ଉପରେ ସୈରାତ କେଶ ନମ୍ବର ଓ ଉତ୍ସର ନାମ ଉଲ୍ଲେଖ ହୋଇଥିବା ଆବଶ୍ୟକ । ପ୍ରାପ୍ତ ଦରଖାସ୍ତ ଗୁଡ଼ିକୁ ତା.୦୯.୦୭.୨୦୨୧ରିଖ ଦିବା ୧୧:୦୦ ଘଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ Sealed Tender Drop Box ବ୍ୟାସନଗର ତହସିଲ କାର୍ଯ୍ୟାଳୟ ପରିସରରେ ଖୋଲାଯାଇ ଦରଖାସ୍ତଗୁଡିକୁ ତନଖି କରି ନିଲାମ ପ୍ରକ୍ରିୟା ସଂପାଦନ କରାଯିବ । ନିଲାମ ଧାର୍ଯ୍ୟ ତାରିଖ ପୂର୍ବ ଦିନ ଅପରାହ୍ନ ୦୫:୦୦ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯିବ ନାହିଁ । ସେହିପରି ଅସମ୍ପୂର୍ଣ୍ଣ ବା ଆବଶ୍ୟକ ଦସ୍ତାବିଜ / କାଗଜାତ ନଥିବା ଦରଖାସ୍ତଗୁଡିକୁ ନାକଚ କରାଯିବ ।

ଯଦି କୌଣସି କାରଣରୁ ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ନିଲାମ ନହୋଇ ପାରିଲା ତେବେ ପରବର୍ତ୍ତୀ ନିଲାମ ତାରିଖ ତହସିଲଦାର, ବ୍ୟାସନଗରଙ୍କ ଦ୍ୱାରା ସ୍ଥିର କରାଯାଇ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜଣାଇ ଦିଆଯିବ । ଯଦି ୧ମ (ପ୍ରଥମ) ଦଫା ରେ କୌଣସି ନିର୍ଦ୍ଦିଷ୍ଟ ସୈରାତ ଉତ୍ସ ପାଇଁ କୌଣସି ଦରଖାସ୍ତ ଗ୍ରହଣ କରାଯାଇନଥିବ ବା କୌଣସି କାରଣ ବଶତଃ ଲିଜି ଚୂଡାନ୍ତ ହୋଇ ନପାରିଲା ତେବେ ୨ୟ (ଦ୍ୱିତୀୟ) ଦଫା ଅର୍ଥାତ ତା.୧୬.୦୭.୨୦୨୧ରିଖ ଅପରାହ୍ନ ୦୫:୦୦ ଘଟିକା ସୁଧା (ଛୁଟିଦିନ ବ୍ୟତୀତ) ଉପରୋକ୍ତ ପ୍ରଣାଳୀରେ ଦରଖାସ୍ତ ଗ୍ରହଣ କରାଯାଇ ତା.୧୯.୦୭.୨୦୨୧ରିଖ ଦିବା ୧୧:୦୦ ଘଟିକା ସମୟରେ ନିଲାମ ପ୍ରକ୍ରିୟା ସଂପାଦନ କରାଯିବ ଓ ସେହିପରି ୩ୟ (ତୃତୀୟ) ଦଫା ଅର୍ଥାତ ତା.୨୬.୦୭.୨୦୨୧ରିଖ ଅପରାହ୍ନ ୦୫:୦୦ ଘଟିକା ସୁଧା (ଛୁଟିଦିନ ବ୍ୟତୀତ) ଉପରୋକ୍ତ ପ୍ରଣାଳୀରେ ଦରଖାସ୍ତ ଗ୍ରହଣ କରାଯାଇ ତା.୨୭.୦୭.୨୦୨୧ରିଖ ଦିବା ୧୧:୦୦ ଘଟିକା ସମୟରେ ନିଲାମ ପ୍ରକ୍ରିୟା ସଂପାଦନ କରାଯିବ ।

ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଯାଜପୁର ଜିଲ୍ଲା ୱେବ ସାଇଟ w.w.w.jajpur.nic.in ର Tender ଲିଙ୍କ ମଧ୍ୟମରେ ମଧ୍ୟ ଏହି ବାବଦରେ ସମସ୍ତ ସୂଚନା ପାଇପାରିବେ ।

## ଦରଖାସ୍ତ ସହ ଦାଖଲ କରିବାକୁଥିବା ଆବଶ୍ୟକୀୟ ଦସ୍ତାବିଜ/କାଗଜାତ

୧. ଦରଖାସ୍ତ ଫି ବାବଦକୁ ଟ୧୦୦୦/-(ଏକ ହଜାର) ଟଙ୍କା ଟ୍ରେଜେରୀ ଚାଲାଣ (Head of Account:- "0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties") ଦାଖଲ କରିବେ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଦରଖାସ୍ତକାରୀଙ୍କ ନାମରେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ, ୨୦୧୬ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।

୩. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ସର୍ବନିମ୍ନ ରୟାଲଟି ଓ ସର୍ବନିମ୍ନ ଅତିରିକ୍ତ ଦେୟର ଶତକଡା ୦୫(ପାଞ୍ଚ) ଭାଗ ମୂଲ୍ୟର EMD (Earnest Money Deposit) ତହସିଲଦାର, ବ୍ୟାସନଗରଙ୍କ ନାମରେ Demand Draft ଦାଖଲ କରିବେ ।
[EMD=5% of Annual MGQ X (Royalty + Minimum Additional Charges)]

୪. ଆବେଦନକାରୀ ୧୮ (ଅଠର) ମାସ ପର୍ଯ୍ୟନ୍ତ ବୈଧତା ରହିଥିବା Original Bank Guarantee କିମ୍ବା ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଦ୍ୱାରା ପ୍ରଦତ୍ତ Original Solvency Certificate ଦାଖଲ କରିବେ ଯାହାର ମୂଲ୍ୟ = ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ x (ରୟାଲଟି + ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ) ଠାରୁ କମ ହୋଇନଥିବ [Bank Guarantee / Solvency Certificate= Annual MGQ X (Royalty + Offered Additional Charges)] । ଏହି ବବାଦକୁ ଆବେଦନକାରୀ ଦରଖାସ୍ତ ସହିତ କେବଳ Bank Guarantee କିମ୍ବା Solvency Certificate ଦାଖଲ କରିବେ । ଉପରୋକ୍ତ ମୂଲ୍ୟର ଆଂଶିକ Solvency Certificate ଓ ଆଂଶିକ Bank Guarantee ଉଭୟ ଦାଖଲ ଗ୍ରହଣ ଯୋଗ୍ୟ ନୁହେଁ।

୫. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତି ଦସ୍ତାବିଜର ନକଲ ନିଜ ଦ୍ୱାରା ଅନୁମୋଦିତ (Self-attested) କରି ଦାଖଲ କରିବେ ।

୬. ଆୟକର ରିଟର୍ଣ ସମ୍ବନ୍ଧୀୟ ଦସ୍ତାବିଜର ନକଲ ନିଜ ଦ୍ୱାରା ଅନୁମୋଦିତ (Self-attested) କରି ଦାଖଲ କରିବେ ।

୭. ଆବେଦନ କରୁଥିବା ସୈରାତ ଉତ୍ସର ତଫସିଲ ସହ ନକ୍ସା ଓ ଚୌହଦୀ ର ସମ୍ପୂର୍ଣ ବିବରଣୀ (ସମ୍ପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ସହିତ ମେଳ କରି ସଂଲଗ୍ନ କରିବେ) ।

୮. PAN କାର୍ଡ୍, ଆଧାର କାର୍ଡ୍ ଓ ଭୋଟର ପରିଚୟ ପତ୍ରର ନକଲ ନିଜ ଦ୍ୱାରା ଅନୁମୋଦିତ (Self-attested) କରି ଦାଖଲ କରିବା ସହିତ ଯୋଗାଯୋଗ ନିମନ୍ତେ Mobile Number, WhatsApp Number ଓ E-mail ID ଦାଖଲ କରିବେ ।

୯. ଅନ୍ୟାନ୍ୟ ବିବରଣୀ ଦାଖଲ କରିବେ ଯଥା:- ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି ଓ ଯନ୍ତ୍ରପାତି ଇତ୍ୟାଦି।

### ସୈରାତ ଉତ୍ସ ଗୁଡିକର ବିବରଣୀ

| କ୍ର. ନଂ. | ସୈରାତ କେସ ନଂ. ଓ ବର୍ଷ | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ. ଓ ସତ୍ୱ | ପ୍ଲଟ ନଂ. | କିସମ | ରକବା (ଏକରରେ) | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘ.ମି.ରେ) | ରୟାଲଟି ମୂଲ୍ୟ (ଘ.ମି. ପ୍ରତି) | ଅତିରିକ୍ତ ଦେୟ (ଘ.ମି. ପ୍ରତି) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |

(ପୃଷ୍ଠା-୨/୭)

| | | | | | | | | | | |
|---|---|---|---|---|---|---|---|---|---|---|
| ୧ | ୨/୨୦୨୦-୨୧ | ନାୟାହାଟପାଟଣା ବୈତରଣୀ ନଦୀ ବାଲି ଘାଟ | ନାୟାହାଟପାଟଣା | ୩୩୨ (ଆ.ଅ.ଅ) | ୦୧ (ଅଂଶ) | ନଦୀ | ୩୬.୭୦ ସ୍ଥ ୧୨.୦୦ | ୩୧୬୮୦ | ଟ.୩୫/- | ଟ.୪୫/- |
| ୨ | ୩/୨୦୨୦-୨୧ | ଗହ୍ଣାରିଆ ବୈତରଣୀ ନଦୀ ବାଲି ଘାଟ | ଗହ୍ଣାରିଆ | ୩୧୪ (ଆ.ଅ.ଅ) | ୪୫୫ (ଅଂଶ) | ନଦୀ | ୨୨.୭୫ ସ୍ଥ ୭.୨୦ | ୨୮୮୬୮ | ଟ.୩୫/- | ଟ.୪୫/- |
| | | | | | ୪୫୬ (ଅଂଶ) | ନଦୀ | ୧୩.୬୩ ସ୍ଥ ୪.୮୦ | | | |

## ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ, ୨୦୧୬, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ, ୨୦୧୭, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ, ୨୦୧୮ ଓ Tahasil Accounts Manual ର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମ ଅନୁଯାୟୀ ସୈରାତ ଉପର ଅତିରିକ୍ତ ଦେୟ ଧାର୍ଯ୍ୟ କରାଯାଇଅଛି । ଏହି ଅତିରିକ୍ତ ଦେୟ ଉପରେ ଆବେଦନକାରୀ ଉକ୍ତଟିକୁ କେତେ ଅଧିକ ଦରରେ ନେବାକୁ ଚାହୁଁଛନ୍ତି ତାହା ଦରଖାସ୍ତରେ ଉଲ୍ଲେଖ କରିବେ । ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ଆବେଦନକାରୀ ସମାନ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

୩. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟର ୦୭ (ସାତ) ଦିନ ମଧ୍ୟରେ ତହସିଲଦାର, ବ୍ୟାସନଗରଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ । ଏବଂ ତତ ସଙ୍ଗେ ସଙ୍ଗେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ଓ ରୟାଲଟିର ସମଷ୍ଟିକୁ ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ସହ ଗୁଣନ କଲେ ଯେଉଁ ପରିମାଣର ଅର୍ଥ ରାଶି ହେବ ତାହାର ଏକ ଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟକୁ ଯୋଗକରି ସେଥିରୁ Earnest Money Deposit କୁ ବାଦଦେଲେ ଯେଉଁ ବଳକା ରାଶି ହେବ ତାହାକୁ ତହସିଲଦାର, ବ୍ୟାସନଗରଙ୍କ ନିକଟରେ ଜମା କରିବେ । ଯାହାକି ବିନା ସୁଧରେ ଅମାନତ ରାଶି (Security Deposit) ଆକାରରେ ରହିବ ।

୪. ଯଦି ମନୋନୀତ ବ୍ୟକ୍ତି ୧୫ (ପନ୍ଦର) ଦିନ ମଧ୍ୟରେ ସମ୍ମତି ନଦିଅନ୍ତି କିମ୍ବା ଉକ୍ତ ଅମାନତ ରାଶି ଜମା ନ କରନ୍ତି, ତାଙ୍କ ଦ୍ୱାରା ଦାଖଲ ହୋଇଥିବା EMD କୁ ବାଜ୍ୟାପ୍ତି କରାଯିବ ଓ ଦ୍ୱିତୀୟ ସର୍ବାଧିକ ଆବେଦନକାରୀଙ୍କୁ ଲିଜି ପ୍ରଦାନ ପାଇଁ ଚୟନ କରାଯାଇପାରେ । ଯଦି ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କ ଅତିରିକ୍ତ ଦେୟର ମୂଲ୍ୟ ପ୍ରଥମ ସର୍ବାଧିକ ଆବେଦନକାରୀଙ୍କ ମୂଲ୍ୟ ଠାରୁ ଅପେକ୍ଷାକୃତ କମ ଥାଏ ବା କୌଣସି ସନ୍ଦେହ ହୁଏ ତେବେ ତାଙ୍କୁ ଚୟନ କରାନଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ, ଯାଜପୁରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବା ।

୫. ନିଲାମଧାରୀ ଚୟନ ପ୍ରକ୍ରିୟା ସମାପ୍ତ ପରେ ଅସଫଳ ଆବେଦନକାରୀ ଦାଖଲ କରିଥିବା EMD କୁ ଫେରସ୍ତ କରାଯିବ ସହିତ ଯଦି ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରିଥାନ୍ତି ତାହାକୁ ବିମୁକ୍ତ କରାଯିବ ।

୬. ସଫଳ ନିଲାମଧାରୀ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତି ଖର୍ଚ୍ଚ ବହନ କରିବେ ।

୭. ସଫଳ ନିଲାମଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ, ୨୦୧୬, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ, ୨୦୧୭ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ, ୨୦୧୮ ମୁତାବକ ମାଇନିଙ୍ଗ ପ୍ଲାନ (Mining Plan) ପ୍ରସ୍ତୁତି ଖର୍ଚ୍ଚ ବହନ କରିବେ ଏବଂ

ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ଖର୍ଚ୍ଚରେ ପରିବେଶ ସ୍ୱଚ୍ଛତା ପ୍ରମାଣ ପତ୍ର (Environment Clearance Certificate) ଓ ସୈରାତ ପରିଚାଳନା ପାଇଁ Regional Officer, State Pollution Control Board ଙ୍କ ନିକଟରୁ Consent to Establish & Consent to Operate Order ହାସଲ କରିବେ । ନଚେତ ମନୋନୟନ ପତ୍ର ରଦ୍ଦ କରାଯିବା ସହିତ ଅମାନତ ରାଶି (Security Deposit) ତଥା ଅନ୍ୟାନ୍ୟ ଜମା ରାଶି ବାଜ୍ୟାପ୍ତି କରିଯିବା । ତତ ପରେ ପ୍ରତ୍ୟକ ବର୍ଷ ସୈରାତ ଉତ୍ସର ରକବା ଅନୁଯାୟୀ Surface Rent ଓ Dead Rent ଏବଂ Mining Plan ରେ ଦର୍ଶଯାଇଥିବା ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ସହିତ ରୟାଲଟି ଓ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟର ସମଷ୍ଟିକୁ ଗୁଣନ କଲେ ଯେଉଁ ଅର୍ଥ ହେବ ସେହି ଅନୁଯାୟୀ ସରକାରଙ୍କ ସମସ୍ତ ଦେୟ ଯଥା:- Royalty, Additional Charge, DMF (10% of Royalty + Additional Charges), EMF (5% of Royalty + Additional Charges), Income Tax (2% of Royalty + Additional Charges), Fees for compensatory afforestation etc. ଦାଖଲ କରିବେ । ଉକ୍ତ ରାଶି ପଇଠ ହେଲା ପରେ ଲିଜଧାରୀ ନିଜ ଖର୍ଚ୍ଚରେ ରେଜିଷ୍ଟ୍ରେସନ ଆଇନ, ୧୯୦୮ ଓ ଷ୍ଟାମ୍ପ ଆଇନ, ୧୮୯୯ ଅନୁଯାୟୀ ଲିଜ ଚୁକ୍ତି ପତ୍ର ସମ୍ପାଦନ କରିବେ ।

୮. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ବିଜ୍ଞାପନରେ ଦର୍ଶଯାଇଥିବା ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନକରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ । ନିଲାମ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୯. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୧୦. ବିଜ୍ଞାପନ ଖର୍ଚ୍ଚ ମନୋନୀତ ଲିଜଧାରୀ ବହନ କରିବେ ।

୧୧. ଲିଜଧାରୀ ନିଜ ଖର୍ଚ୍ଚରେ ସୈରାତ ଉତ୍ସର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ଚୌହଦି ଚିହ୍ନଟ କରିବା ସହିତ ଉତ୍ସର ସମ୍ମୁଖ ଭାଗରେ ଏକ Display Board ତିଆରିକରି ସେଥିରେ ସୈରାତ ଉତ୍ସର ସମସ୍ତ ତଥ୍ୟ ଉଲ୍ଲେଖ କରିବେ ।

୧୨. ଯଦି ଓଡିଶା ସରକାରଙ୍କ ଦ୍ୱାରା ସ୍ଥିରିକୃତ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ଓ ଅତିରିକ୍ତ ଦେୟ ନିଲାମର ପରବର୍ତ୍ତୀ ସମୟରେ ବୃଦ୍ଧି ହୁଏ, ତାହାହେଲେ ଲିଜିଧାରୀ ଦର ବୃଦ୍ଧି ଅନୁଯାୟୀ ରୟାଲଟି ଓ ଅତିରିକ୍ତ ଦେୟ ପଇଠ କରିବେ ।

୧୩. କୌଣସି କାରଣ ନଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବାର କ୍ଷମତା କ୍ଷମତାପନ୍ନ ପ୍ରାଧିକାରୀ ଓ ଜିଲ୍ଲାପାଳ, ଯାଜପୁରଙ୍କର ଅଛି ।

୧୪. ଯଦି ଉକ୍ତ ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଅଛି ।

୧୫. ନିଲାମ ପ୍ରକ୍ରିୟା ସମୟରେ ସମସ୍ତ ଆବେଦନକାରୀ COVID-19 ନିୟମ ଅନୁପାଳନ କରିବାକୁ ବାଧ ହେବେ ।

(signature) ୩.୦.୨୦୨୧

ତହସିଲଦାର, ବ୍ୟାସନଗର

ତହସିଲଦାର, ବ୍ୟାସନଗର
ଯାଜପୁର ରୋଡ

(ପୃଷ୍ଠା-୪/୭)

ପରିପତ୍ର ସଂଖ୍ୟା. ୩୪୭୩ /ତାରିଖ. ୦୭.୦୫.୨୦୨୧

ଏହାର ଏକକିତା ନକଲ କୋରେଇ ପଞ୍ଚାୟତ ସମିତି / ବ୍ୟାସନଗର ପୌର ପରିଷଦ / ଗୌରପୁର ଗ୍ରାମପଞ୍ଚାୟତ / ବନ୍ଧାଳୋ ଗ୍ରାମପଞ୍ଚାୟତ / ବ୍ୟାସନଗର ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ / କୋରେଇ ଥାନା / ବ୍ୟାସନଗର ତହସିଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକକୁ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, ବ୍ୟାସନଗର

**ତହସିଲଦାର, ବ୍ୟାସନଗର**
**ଯାଜପୁର ରୋଡ**

ପରିପତ୍ର ସଂଖ୍ୟା. ୩୪୭୪ /ତାରିଖ. ୦୭.୦୫.୨୦୨୧

Copy to the DIO, NIC, Collectorate, Jajpur for information with a request to upload this Tender Notice in the district website for its wide publication.

ତହସିଲଦାର, ବ୍ୟାସନଗର

**ତହସିଲଦାର, ବ୍ୟାସନଗର**
**ଯାଜପୁର ରୋଡ**

ପରିପତ୍ର ସଂଖ୍ୟା. ୩୪୭୫ /ତାରିଖ. ୦୭.୦୫.୨୦୨୧

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଯାଜପୁରଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବ୍ୟାସନଗର

**ତହସିଲଦାର, ବ୍ୟାସନଗର**
**ଯାଜପୁର ରୋଡ**

ପରିପତ୍ର ସଂଖ୍ୟା. ୩୪୭୬ /ତାରିଖ. ୦୭.୦୫.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ଯାଜପୁରଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବ୍ୟାସନଗର

**ତହସିଲଦାର, ବ୍ୟାସନଗର**
**ଯାଜପୁର ରୋଡ**

FORM – M
Application for grant of Quarry Lease
[*See* rule 27(4)]

To

…………………………………………………………………………………………..
Dated the 20

Sir,

1. I/We submit an application for a quarry lease for…………..(mineral) for a term of ……………….. years over…………hectares of land in the area specified in the *Annexure* given below:-
2. A sum of Rs………. payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20…….. has been paid in the Government Treasury at…………and a receipted challan bearing No………. dated…….is enclosed.
3. The required particulars are given below:-
    i) An affidavit stating that no mining due payable under the Act and Rules made there under is outstanding against the applicant.
    ii) Where land belongs to private persons, consent of all such persons for grant of quarry lease.
    iii) Solvency certificate and list of immovable property from the Revenue Authority.
4. (i) Name and address of the applicant…………………………………………...
    (ii) Nationality of the applicant…………………………………………………...
    (iii) Profession of the applicant…………………………………………………..
    (iv) Particulars of the areas, mineral wise, within the State for which the applicant or any person having joint interest with him………………………………………
        a) Already holds a quarry lease……………………………………………
        b) Has already applied for a quarry lease but not granted ………………………
        c) Being applied for simultaneously……………………………………..
        d) Nature of joint interest, if any…………………………………………
    (v) Means by which the minor minerals is/are to be raised, i.e. whether manual or mechanical......................
    (vi) Manner in which the minor mineral raised to be utilized-
        (a) For manufacture........................
        (b) For sale......................................
        (c) Any other purpose.....................
    (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated.....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District..................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date..........

Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.